



# ଶ୍ରୀମନ୍ଦିର ସମାଚାର

## SHREE JAGANNATH TEMPLE BULLETIN

ନଭେମ୍ବର-୨୦୧୯ (ବିଛା ସଂକ୍ରାନ୍ତି) NOVEMBER - 2019


# ସଫଳତାର ସହ କାର୍ତ୍ତିକ ମାସ ନୀତି ସଂପନ୍ନ


ଚଳିତ ବର୍ଷ ଆଶ୍ୱିନ ଶୁକ୍ଳ ଏକାଦଶୀ ତା. ୯.୧୦.୨୦୧୯ରିଖ ଠାରୁ ଶ୍ରୀମନ୍ଦିରରେ ପାରମ୍ପରିକ ଭାବେ କାର୍ତ୍ତିକ ମାସର ବିଶେଷ ନୀତିମାନ ଅନୁଷ୍ଠିତ ହୋଇଥିଲା । ପ୍ରତ୍ୟହ ଅବକାଶ ପରେ ରାଧା ଦାମୋଦର ବେଶ, ସକାଳ ଧୂପ ପରେ ବାଲଧୂପ ଏବଂ ପଞ୍ଚକରେ ପ୍ରତି ଦିବସରେ ଶ୍ରୀବିଗ୍ରହମାନଙ୍କର ଭିନ୍ନ ଭିନ୍ନ ବେଶ ହେଉଥିବାରୁ ଏବଂ ମାସ ସାରା ବହୁଳ ନୀତି ଯୋଗୁଁ ପ୍ରତି ବର୍ଷ ପରି ଚଳିତ ବର୍ଷ ଶ୍ରୀମନ୍ଦିର ପ୍ରଶାସନ ତରଫରୁ ସ୍ୱତନ୍ତ୍ର ନୀତିନିର୍ଘଣ୍ଟ ପ୍ରସ୍ତୁତି ପୂର୍ବକ ଛତିଶା ନିଯୋଗ ବୈଠକରେ ଅନୁମୋଦିତ ହୋଇଥିଲା ।



ଚଳିତ ବର୍ଷ ପ୍ରାୟ ପ୍ରତ୍ୟହ ପୂର୍ବ ରାତ୍ର ଘ.୪.୩୦ମି. ମଧ୍ୟରେ ଦ୍ୱାରଫିଟା ଏବଂ ଦିବା ଘ.୧.୩୦ମି. ଭୋଗମଣ୍ଡପ ସରି ମହାପ୍ରସାଦ ବାହାରୁଥିଲା । ପ୍ରତିଦିନ ରାତ୍ର ପହୁଡ ମଧ୍ୟ ଶ୍ରୀବିଗ୍ରହମାନଙ୍କର ଅନୁଷ୍ଠିତ ହୋଇଥିଲା । ଶ୍ରୀମନ୍ଦିର ପ୍ରଶାସନ ଓ ସେବକମାନଙ୍କ ମଧ୍ୟରେ ସୁସମନ୍ୱୟ ଏବଂ ସେବକମାନଙ୍କର ନିଷ୍ଠାପର ସେବା ଓ ଐକାନ୍ତିକ ସହଯୋଗ ଯୋଗୁଁ ଏହି ନୀତିମାନ ସମ୍ଭବପର ହୋଇପାରିଛି ।

କାର୍ତ୍ତିକ ଶୁକ୍ଳ ଏକାଦଶୀ ଠାରୁ ପୂର୍ଣ୍ଣିମା ପର୍ଯ୍ୟନ୍ତ ଶ୍ରୀମନ୍ଦିରରେ ଶ୍ରଦ୍ଧାଳୁମାନଙ୍କର ଅତ୍ୟନ୍ତ ଭିଡ ସତ୍ତ୍ୱେ ନୀତି ଶୃଙ୍ଖଳିତ ହୋଇ ପାରିଥିଲା । କାର୍ତ୍ତିକ ପୂର୍ଣ୍ଣିମା ଦିନ ଅଧିକ ଭକ୍ତ ସମାଗମକୁ ଦୃଷ୍ଟିରେ ରଖାଯାଇ ପୂର୍ଣ୍ଣିମା ପୂର୍ବରାତ୍ରରେ ରାତ୍ରର ୧୨ ଘଣ୍ଟିକାରେ ଶ୍ରୀମନ୍ଦିରରେ ପହୁଡ଼ ନୀତି ଅନୁଷ୍ଠିତ ହୋଇ ରାତ୍ର ଘ.୧.୪୦ମି. ସମୟରେ ଦ୍ୱାରଫିଟା ନୀତି ଅନୁଷ୍ଠିତ ହୋଇଥିଲା । ଘ.୨.୧୫ମି. ରେ ମଙ୍ଗଳ ଆଳତି ଓ ଅବକାଶ ଘ.୩.୧୫ମି. ରେ ଶେଷ ହେବାପରେ ଶ୍ରୀମହାପ୍ରଭୁମାନଙ୍କ ମହାର୍ଘ 'ରାଜାଧିରାଜ ବେଶ ବା ସୁନାବେଶ' ରାତ୍ର ଘ.୫.୧୫ମି. ସୁଦ୍ଧା ଶେଷ ହୋଇଥିଲା । ଗୋପାଳ ବଲ୍ଲଭ ଭୋଗ ସକାଳ ଘ.୬.୧୫ମି. ସକାଳ ଧୂପ ଘ.୭.୪୦ମି., ବାଲ ଧୂପ ସକାଳ ଘ.୯.୪୫ମି. ରେ ଶେଷ ହେବା ପରେ ଦିବା ଘ. ୧୧.୩୦ମି. ସୁଦ୍ଧା ଭୋଗମଣ୍ଡପ ଶେଷ ହୋଇ ମହାପ୍ରସାଦ ବାହାରିଥିଲା । ସନ୍ଧ୍ୟା ଘ.୬.୪୦ମି.ରେ ଶ୍ରୀବିଗ୍ରହମାନଙ୍କର ସୁନାବେଶ ଓଲାଗି ଆରମ୍ଭ ହୋଇଥିଲା । ଦୀର୍ଘ ସମୟ ଧରି ଲକ୍ଷ ଲକ୍ଷ ଦର୍ଶନାର୍ଥୀ ବ୍ୟାରିକେଡ୍ ମଧ୍ୟ ଦେଇ ଶୃଙ୍ଖଳାର ସହ ଶ୍ରୀମନ୍ଦିରକୁ ଯାଇ ମହାପ୍ରଭୁଙ୍କର ସୁନାବେଶ ଦର୍ଶନ କରିବାର ସୌଭାଗ୍ୟ ଲାଭ କରିଥିଲେ । ଏହାପରେ ଯଥାରୀତି ଶ୍ରୀମନ୍ଦିରରେ ନୀତି ଆଗକୁ ବଢ଼ିଥିଲା । ପ୍ରଶାସନ ସହିତ ସୁସମନ୍ୱୟ ହିଁ ନୀତି ସଫଳତାର କାରଣ ହୋଇ ପାରିଛି । ପ୍ରଶାସକ (ନୀତି) ଶ୍ରୀଯୁକ୍ତ ଜିତେନ୍ଦ୍ର କୁମାର ସାହୁ ମଧ୍ୟ ମାସ ସାରା ଅଧିକାଂଶ ସମୟ ଶ୍ରୀମନ୍ଦିରରେ ଉପସ୍ଥିତ ରହି ନୀତି ଶୃଙ୍ଖଳା ପାଇଁ ପ୍ରୟାସ ଜାରି ରଖିଥିଲେ । ପ୍ରଶାସକ (ସୁରକ୍ଷା) ଶ୍ରୀଯୁକ୍ତ ଶରତ ଚନ୍ଦ୍ର ମିଶ୍ର ଶ୍ରୀମନ୍ଦିରରେ ଉପସ୍ଥିତ ରହି ଦର୍ଶନ ବ୍ୟବସ୍ଥା ତଦାରଖ କରୁଥିଲେ । ପ୍ରଶାସକ (ଉନ୍ନୟନ) ଶ୍ରୀଯୁକ୍ତ ଅଜୟ କୁମାର ଜେନା ମଧ୍ୟ ବିଭିନ୍ନ ସମୟରେ ଶ୍ରୀମନ୍ଦିରକୁ ଯାଇ ନୀତି ତଦାରଖ କରୁଥିଲେ ।

ଚଳିତ ବର୍ଷ କାର୍ତ୍ତିକ ମାସ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ଦର୍ଶନ ବ୍ୟବସ୍ଥା ଅତ୍ୟନ୍ତ ଶୃଙ୍ଖଳିତ ଥିଲା । ପୂର୍ଣ୍ଣିମା ଦିନ କେନ୍ଦ୍ରାଞ୍ଚଳ ପୋଲିସ୍ ଡି.ଆଇ.ଜି ଶ୍ରୀଯୁକ୍ତ ଆଶିଷ କୁମାର ସିଂ ନିଜେ ଉପସ୍ଥିତ ରହି ଦର୍ଶନ ବ୍ୟବସ୍ଥା ତଦାରଖ କରୁଥିଲେ । ପୁରୀ ଜିଲ୍ଲାପାଳ ତଥା ଶ୍ରୀମନ୍ଦିର ଉପମୁଖ୍ୟ ପ୍ରଶାସକ ଶ୍ରୀଯୁକ୍ତ ବଲୱନ୍ତ ସିଂହ, ଆରକ୍ଷୀ ଅଧିକ୍ଷକ ଶ୍ରୀଯୁକ୍ତ ଉମାଶଙ୍କର ଦାଶ ନୀତି ପରିଚାଳନାରେ ପୁରୋଭାଗରେ ରହିବା ସହ ସୁସମନ୍ୱିତ ଭାବେ ଦର୍ଶନ ବ୍ୟବସ୍ଥାକୁ ପରିଚାଳନା କରିଥିବାରୁ ମୁଖ୍ୟ ପ୍ରଶାସକ ସେମାନଙ୍କୁ ହାର୍ଦ୍ଦିକ କୃତଜ୍ଞତା ଜ୍ଞାପନ କରିଛନ୍ତି ।



ସେବକମାନଙ୍କର ପ୍ରତିବଦ୍ଧତା, ନିଷ୍ଠା ଓ ଉତ୍ସର୍ଗୀକୃତ ମନୋଭାବ ଯୋଗୁଁ, ନୀତି ଶୃଙ୍ଖଳିତ ହୋଇ ପାରିଛି ବୋଲି ମୁଖ୍ୟ ଡଃ. କ୍ରିଷନ କୁମାର ପ୍ରଶାସକ ପ୍ରକାଶ କରିବା ସହ ସମସ୍ତ ସେବକ ନିଯୋଗ ଓ ପାଳିଆ ସେବକଙ୍କୁ ଆନ୍ତରିକ ଧନ୍ୟବାଦ ଅର୍ପଣ କରିଛନ୍ତି । ଶ୍ରୀମନ୍ଦିର ପ୍ରଶାସନ, ଜିଲ୍ଲା ପ୍ରଶାସନ ଓ ପୋଲିସ ପ୍ରଶାସନର ସମସ୍ତ ଅଧିକାରୀ ଓ କର୍ମଚାରୀମାନେ ଅକ୍ଳାନ୍ତ ପରିଶ୍ରମ କରିଥିବାରୁ ମୁଖ୍ୟ ପ୍ରଶାସକ ମଧ୍ୟ ଧନ୍ୟବାଦ ଅର୍ପଣ କରିଛନ୍ତି ।

# ଶ୍ରୀମନ୍ଦିର ନୀତି ପରିକ୍ରମା

## ଶ୍ରୀମନ୍ଦିରରେ ତୁଳା ସଂକ୍ରାନ୍ତି ବା ଗର୍ଭଣା ସଂକ୍ରାନ୍ତି:

ତା. ୧୮.୧୦.୧୯ ରିଖ ଶୁକ୍ରବାର ଦିନ ଗର୍ଭଣା ସଂକ୍ରାନ୍ତି ଅବସରରେ ଶ୍ରୀମନ୍ଦିରରେ ବିଶେଷ ନୀତି ମାନ ସଂପାଦନ ହୋଇଯାଇଅଛି । ଏହି ଦିନ ଯଥାରୀତି ପ୍ରକାରେ ସକାଳ ଧୂପ, ଭୋଗମଣ୍ଡପ ସରିଲା ପରେ ତିନି ବାଡରେ ମୈଲମ ହୋଇ,ପୂଜା ଠା' ହେବା ପରେ ମହାସ୍ନାନ ନୀତି ଅନୁଷ୍ଠିତ ହୋଇଥିଲା । ଏହାପରେ ଘଟୁଆରୀ ଘରୁ ରୂପା ପିଙ୍ଗଣ ମଧ୍ୟରେ ଚନ୍ଦନ ରଖାଯାଇ ପାଟବସ୍ତ୍ର ଆବୃତ୍ତି ପୂର୍ବକ ପୂଜାପଣ୍ଡା, ପତିମହାପାତ୍ର ଏବଂ ମୁଦିରସ୍ତଙ୍କ ଦ୍ୱାରା ଘଣ୍ଟ, ଛତା, କାହାଳୀ ପଟୁଆରରେ ରତ୍ନ ସିଂହାସନକୁ ଚନ୍ଦନ ବିଜେ ହୋଇ ତିନି ବାଡରେ ସର୍ବାଙ୍ଗ ନୀତି ହୋଇଥିଲା । ଏହାପରେ ବେଶ ହୋଇ ୬ ମୂର୍ତ୍ତି ଅଳଙ୍କାର ଲାଗି ହୋଇ ପାଣିପଡ଼ି ମଧ୍ୟାହ୍ନ ଧୂପ ଡାକି ଯାଇଥିଲା ।ମଧ୍ୟାହ୍ନ ଧୂପ ଉଠିଲା ପରେ ମହାପ୍ରଭୁଙ୍କ ବାଡରେ ମୁଦିରସ୍ତଙ୍କ ଦ୍ୱାରା ପ୍ରସାଦଲାଗି ବଢ଼ିଥିଲା ଏବଂ ତିନିଜଣ ପାଳିଆ ପୂଜାପଣ୍ଡାଙ୍କ ଦ୍ୱାରା ଭୋଗ ପୂଜା ବସିଥିଲା । ଟେରା ପଡିବା ପରେ ମହାପ୍ରଭୁଙ୍କ ବାଡର ପୂଜାପଣ୍ଡା ବାହାରକୁ ଆସିବା ସହିତ ରୋଷ ପାଇକ ରୋଷ ଭିତରେ ଅଲଗା ଭାବେ ରଖିଥିବା ଏକ ଓଳି ଓରିଆ ଅନ୍ନ (ଶଙ୍ଖୁଡ଼ି) ନେଇ ଶ୍ରୀମନ୍ଦିରରେ ୮ ଗୋଟି ସ୍ଥାନରେ ବାଢ଼ିଥିଲେ । ଏହାକୁ ପୂଜାପଣ୍ଡା ମଣୋହୀ କରାଇଥିଲେ । ଏହାକୁ 'ବଳି' କୁହାଯାଏ । ଏହାପରେ ଭିତରକୁ ପୂଜାପଣ୍ଡା ଯାଇ ମଧ୍ୟାହ୍ନ ଧୂପ ଶେଷ କରିଥିଲେ । ଭୋଗ ସରି ପ୍ରସାଦ ବାହାରିଲା ପରେ ପାଣି ପଡିଥିଲା ଏବଂ ଗର୍ଭଣା ସଂକ୍ରାନ୍ତି ସଂପୃକ୍ତ ବିଶେଷ ନୀତିର ଆଉ ଏକ ଅଙ୍ଗ ଯଥା 'ବନ୍ଦାପନା' ନୀତି ପୂଜାପଣ୍ଡା ପତିମହାପାତ୍ର ଓ ମୁଦିରସ୍ତଙ୍କ ଦ୍ୱାରା ସମାପନ ହୋଇ ଅନ୍ୟାନ୍ୟ ନୀତିମାନ ଅନୁଷ୍ଠିତ ହୋଇଥିଲା ।

## ଶ୍ରୀମନ୍ଦିରରେ ହରି ଉତ୍‌ଥାପନ ଓ ଲକ୍ଷ୍ମୀନାରାୟଣ ବେଶ :

ତା. ୮.୧୧.୧୯ ରିଖ ଶୁକ୍ରବାର ଦିନ କାର୍ତ୍ତିକ ଶୁକ୍ଳ ଏକାଦଶୀ ତଥା ହରି ଉତ୍ଥାପନ (ବଡ଼) ଏକାଦଶୀ ନିମନ୍ତେ ସ୍ୱତନ୍ତ୍ର ନୀତିମାନ ଅନୁଷ୍ଠିତ ହୋଇଥିଲା । ପରମ୍ପରା ପ୍ରକାରେ ମଙ୍ଗଳ ଆଳତି, ଅବକାଶ ବଢ଼ିଲା ପରେ ମୈଲମ ହୋଇ 'ଲକ୍ଷ୍ମୀନାରାୟଣ ବେଶ' ଅନୁଷ୍ଠିତ ହୋଇଥିଲା । ବେଶ ବଢ଼ିଲା ପରେ ରୋଷହୋମ, ସୂର୍ଯ୍ୟ ପୂଜା, ଦ୍ୱାରପାଳ ପୂଜା,



ଗୋପାଳବଲ୍ଲଭ, ବାଲଧୂପ ଓ ଭୋଗମଣ୍ଡପ ସରିଲା ପରେ ମୈଲମ ହୋଇ ମହାସ୍ନାନ ହୋଇ ପୂଜାପଣ୍ଡା, ପତିମହାପାତ୍ର ଓ ମୁଦିରସ୍ତଙ୍କ ଦ୍ୱାରା ଘଟୁଆରୀ ଘରୁ ଚନ୍ଦନ ଆସି ସର୍ବାଙ୍ଗ ଚନ୍ଦନ ଲାଗି ବଢ଼ି ମଧ୍ୟାହ୍ନ ଧୂପ ପୂଜା ବସିଥିଲା । ଭୋଗ ସରିଲା ପରେ ପାଣିପଡ଼ି ମୈଲମ ହୋଇ ଶାଢ଼ୀ ଖଣ୍ଡୁଆ ଲାଗି ପରେ ଝଡ଼ା ଆଳତି ହୋଇଥିଲେ । ଏହାପରେ ମେକାପ ଘରୁ ଚନ୍ଦନ ବିଜେ ହୋଇ ଚନ୍ଦନ ଲାଗି ହୋଇ ବେଶ ବଢ଼ିଥିଲା । ପାଣିପଡି ସଂଧ୍ୟା ଧୂପ ପୂଜା ବଢ଼ି ମହାଦୀପ ଆଳତି ହୋଇ ନୀଳଚକ୍ରକୁ ମହାଦୀପ ବିଜେ ହୋଇ, ଗଜପତି ମହାରାଜା ଶ୍ରୀଦିବ୍ୟସିଂହ ଦେବ ରାଜ୍ୟବାସୀଙ୍କ ମଙ୍ଗଳ କାମନା କରାଯାଇ 'ମହାଦୀପ' ରଖାଯାଇଥିଲା । ପରେ ମହାପ୍ରଭୁଙ୍କର ଉତ୍ଥାପନ ନୀତି ଆରମ୍ଭ ହୋଇଥିଲା । ଖଟଶେଯ ଘର ଉପର ଭାଗରେ ଥିବା ଘରକୁ ତଢ଼ଉ କରଣଙ୍କ ଉପସ୍ଥିତିରେ ଖୋଲାଯାଇ ମୁଦିରସ୍ତ ତିନି ବାକ୍ସ ଖୋଲିଥିଲେ । ପରେ ତିନି ଶୟନ ଠାକୁରଙ୍କର ମହାସ୍ନାନ, ସର୍ବାଙ୍ଗ ଚନ୍ଦନ ଲାଗି, ବେଶ, କର୍ପୂର ଲାଗି ପରେ ଉତ୍ଥାପନ ନୀତି ବଢ଼ିଥିଲା । ପୁଷ୍ପାଞ୍ଜଳୀ, ବନ୍ଦାପନା ପରେ ବାକ୍ସମାନଙ୍କୁ ଯଥାରୀତିରେ ରଖାଯାଇ ଉକ୍ତ ଘରର ଦୁଆରକୁ ମୁଦ ଦିଆଯାଇଥିଲା ।

## ଶ୍ରୀମନ୍ଦିରରେ ଶ୍ରୀବିଗ୍ରହଙ୍କ ବାଙ୍କଚୂଡ଼ ବେଶ ଓ ଗରୁଡ ଉତ୍ଥାପନା :

ତା. ୯.୧୧.୧୯ ରିଖ ଶନିବାର ଦିନ କାର୍ତ୍ତିକ ଶୁକ୍ଳ ଦ୍ୱାଦଶୀ ତିଥିରେ ଗରୁଡ଼ଙ୍କ ଉତ୍ଥାପନ ନୀତି ବିଶେଷ ଭାବେ ଅନୁଷ୍ଠିତ ହୋଇଥିଲା । ଉକ୍ତ ଦିନ ମହାପ୍ରଭୁଙ୍କର ବାଙ୍କଚୂଡ଼ ବେଶ ପରେ ଅନ୍ୟାନ୍ୟ ନୀତିମାନ ହୋଇ ସକାଳ ଧୂପ, ବାଲଧୂପ, ଭୋଗମଣ୍ଡପ ପରେ ସାହାଣମେଲା, ମହାସ୍ନାନ, ବେଶମଢ଼ି ମଧ୍ୟାହ୍ନ ଧୂପ ହୋଇଥିଲା । ପରେ ସଂଧ୍ୟାଆଳତି, ସଂଧ୍ୟାଧୂପ ସରିଲା ପରେ



ଜଗମୋହନରେ ଅବସ୍ଥିତ ଶ୍ରୀଗରୁଡ଼ଙ୍କ ନିକଟରେ ମହାସ୍ନାନ ପୂଜା ଠା' ହୋଇଥିଲା । ପୂର୍ବରୁ ଚୂନରା ସେବକ ଗରୁଡ଼ଙ୍କୁ ମୈଲମ କରିଥିଲେ । ପୂଜା ଠା' ପରେ ପୂଜାପଣ୍ଡା ଆସି ମହାସ୍ନାନ କଲାପରେ ଚୂନରା ସେବକ ଗରୁଡ଼ଙ୍କୁ ଦହି, ପଞ୍ଚାମୃତ, ଚୁଆ, ତେଲ ଦ୍ୱାରା ମାଜଣା କରି ନୂଆଲୁଗା ଲାଗି ସହିତ ମହାପ୍ରଭୁଙ୍କ ବାଡ଼ରୁ ଆସିଥିବା ମାଳଚୂଳ ପିନ୍ଧାଇ ବେଶ କରିଥିଲେ । ପରେ ପାଣିପଡି ଶୀତଳଭୋଗ କରି ପଞ୍ଚୋପଚାରରେ ସମାପନା ହୋଇ ଉତ୍ଥାପନ ନୀତି ନିମନ୍ତେ ପ୍ରସାଦ ଲାଗି, ବନ୍ଦାପନା ହୋଇଥିଲା । ଏହାପରେ ଦକ୍ଷିଣ ଘରୁ ମଦନମୋହନ ସିଂହାସନକୁ ବିଜେ ହେବା ପରେ ଆଜ୍ଞାମାଳ ପାଇ ଜଗମୋହନରେ ପଡ଼ିଥିବା ଖଟକୁ ବିଜେ ହୋଇ ଶରତ ରାହାସ ନିମନ୍ତେ ଶୀତଳ ଭୋଗ, ବନ୍ଦାପନା ହୋଇ ଘରକୁ ବାହୁଡା ବିଜେ କରିଥିଲେ ।

## ଶ୍ରୀମନ୍ଦିରରେ କାର୍ତ୍ତିକ ପୂର୍ଣ୍ଣିମା ଓ ଶ୍ରୀବିଗ୍ରହମାନଙ୍କ ରାଜାଧିରାଜ(ସୁନା) ବେଶ :

ତା. ୧୨.୧୧.୧୯ ରିଖ ମଙ୍ଗଳବାର ଦିନ ଶ୍ରୀମନ୍ଦିରରେ କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ମଙ୍ଗଳ ଆଳତି ଓ ଅବକାଶ ନୀତି ଅନୁଷ୍ଠିତ ହେବା ପରେ ପାଳିଆ ପୁଷ୍ପାଳକମାନେ ଶ୍ରୀବିଗ୍ରହଙ୍କୁ 'ରାଜରାଜେଶ୍ୱର ବେଶ ବା ସୁନା ବେଶରେ' ସଜ୍ଜିତ କରିଥିଲେ । ଲକ୍ଷ ଲକ୍ଷ ଦର୍ଶନାର୍ଥୀ ଭକ୍ତ ଏହି ପବିତ୍ର ଦିବସରେ ଶ୍ରୀମହାପ୍ରଭୁମାନଙ୍କର ଏହି ବେଶ ସଂଦର୍ଶନ କରିଥିଲେ । ଏହି ବେଶରେ ରୋଷହୋମ, ସୂର୍ଯ୍ୟପୂଜା, ଦ୍ୱାରପାଳପୂଜା, ଗୋପାଳବଲ୍ଲଭ ଭୋଗ, ସକାଳ ଧୂପ, ବାଳ ଧୂପ, ଭୋଗମଣ୍ଡପ ଇତ୍ୟାଦି ନୀତି ଅନୁଷ୍ଠିତ ହୋଇଥିଲା । ଭୋଗ ମଣ୍ଡପ ସରିବା ପରେ ମଧ୍ୟ ଦୀର୍ଘ ସମୟ ଧରି ଭକ୍ତମାନେ ଶ୍ରୀମହାପ୍ରଭୁଙ୍କର ସୁନାବେଶ ଦର୍ଶନ କରିଥିଲେ । ପରେ 'ସୁନାବେଶ' ଓଲାଗି କରାଯାଇ ଅନ୍ୟାନ୍ୟ ନୀତିମାନ ଅନୁଷ୍ଠିତ ହୋଇଥିଲା ।



# ଶ୍ରୀପୁରୁଷୋତ୍ତମ ପ୍ରାର୍ଥନା

ଶ୍ରୀମନ୍ଦିର ପ୍ରଶାସନ ଦ୍ୱାରା ପ୍ରାୟୋଜିତ 'ଶ୍ରୀପୁରୁଷୋତ୍ତମ ପ୍ରାର୍ଥନା' କାର୍ଯ୍ୟକ୍ରମର ଦ୍ୱିତୀୟ ପାଳି ଅର୍ଥାତ୍ ତା.୨୦.୧୦.୧୯ରିଖ ରବିବାର ଦିନ




ସିଂହଦ୍ୱାର ସମ୍ମୁଖରେ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମ ପ୍ରାତଃ ଘ୬.୩୦ମି.ରୁ ଆରମ୍ଭ ହୋଇ ୮.ଘ. ସମୟରେ ସମାପ୍ତ ହୋଇଥିଲା । ସର୍ବପ୍ରଥମେ ୬ଘଣ୍ଟା ୩୦ମି. ସମୟରେ ଶଙ୍ଖଧ୍ୱନି ହେବାପରେ ଶ୍ରୀମନ୍ଦିର ପରିସରରେ ଥିବା ବେଦ ପାଠଶାଳାର ଶିକ୍ଷକ ଓ ଛାତ୍ରମାନେ 'ବେଦ ଆବୃତ୍ତି'



କରିଥିଲେ । ବେଦ ପାଠ ମଧ୍ୟରେ ସିଂହଦ୍ୱାର ଅରୁଣସ୍ତମ୍ଭ ଆଗରେ ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ ବାବା ସଚ୍ଚିଦାନନ୍ଦ ଦାସ ମହାରାଜ ପ୍ରଦୀପ ପ୍ରଜ୍ୱଳନ କରିଥିଲେ । ତତ୍‌ପରେ ବାବା ସଚ୍ଚିଦାନନ୍ଦ ମହାରାଜ 'ଶ୍ରୀଜଗନ୍ନାଥାଷ୍ଟକମ୍' ମଞ୍ଚ ଉପରେ ଆବୃତ୍ତି କରିଥିଲେ । ପରେ ପୁରୀର ଲିଙ୍ଗରାଜ କଳାନିକେତନ ଅନୁଷ୍ଠାନ ତରଫରୁ ଶ୍ରୀ ଗୀତଗୋବିନ୍ଦ (ଓଡିଶୀ) ନୃତ୍ୟ ପରିବେଷଣ



କରାଯାଇଥିଲା । ପରେ ପରେ ବାବା ସଚ୍ଚିଦାନନ୍ଦ ଦାସ ମହାରାଜଙ୍କ ଦ୍ୱାରା ଶ୍ରୀମଦ୍ ଭଗବତ ଗୀତାର ୨ଟି ଶ୍ଳୋକ ଆବୃତ୍ତି କରିବା ସହ ବ୍ୟାଖ୍ୟା ମଧ୍ୟ କରିଥିଲେ । ଏହାପରେ ସବୁଠାରୁ ଆକର୍ଷଣୀୟ କାର୍ଯ୍ୟକ୍ରମ ଥିଲା-ସାମୂହିକ ପ୍ରାର୍ଥନା । ଡଃ. ନରେଶଚନ୍ଦ୍ର ଦାଶ ଏବଂ ଉପସ୍ଥିତ ଭକ୍ତଗଣ ସମୂହ ସ୍ୱରରେ ପ୍ରାର୍ଥନା ଗାନ କରିଥିଲେ । ତା'ପରେ ଶ୍ରୀ ରାଧାମୋହନ ବିଶୋଇ ଓ ତାଙ୍କ ସଂକୀର୍ତ୍ତନ ଦଳଙ୍କ ସହ ସଂକୀର୍ତ୍ତନ ଆରମ୍ଭ କରି ଶ୍ରୀମନ୍ଦିର ଚତୁଃପାର୍ଶ୍ୱ ପରିକ୍ରମା କରିଥିଲେ । ଶହ ଶହ ଭକ୍ତ ଏହି ପରିକ୍ରମାରେ ଅଂଶ ଗ୍ରହଣ କରିଥିଲେ । ଏହି



ପରିପ୍ରେକ୍ଷୀରେ ସିଂହଦ୍ୱାର ସମ୍ମୁଖରେ ମଧ୍ୟ 'ରଙ୍ଗୋଲି'(ଝୋଟି ଚିତ୍ର) ପ୍ରଦର୍ଶିତ କରାଯାଇଥିଲା । ଶ୍ରୀ ଦୁର୍ଗାମାଧବ କର ଏବଂ ଛାତ୍ର ଛାତ୍ରୀମାନଙ୍କ ଦ୍ୱାରା ମଧ୍ୟ ସୁନ୍ଦର ତଥା ଦର୍ଶନୀୟ 'ଚିତ୍ରାଙ୍କନ' ପ୍ରଦର୍ଶନ କରାଯାଇଥିଲା ।

ଏତାଦୃଶ ଗତ ତା.୩.୧୧.୧୯ ରବିବାର ଦିନ ନିମ୍ନଲିଖିତ ପ୍ରକାରେ



'ଶ୍ରୀପୁରୁଷୋତ୍ତମ ପ୍ରାର୍ଥନା' କାର୍ଯ୍ୟକ୍ରମ ମଧ୍ୟ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମ ସମୟରେ ଶ୍ରୀମନ୍ଦିର ପ୍ରଶାସକ(ନୀତି) ଶ୍ରୀଯୁକ୍ତ ଜିତେନ୍ଦ୍ର କୁମାର ସାହୁ ଉପସ୍ଥିତ ଥିଲେ । ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟମାନେ ଓ ଶ୍ରୀମନ୍ଦିରର ଅନ୍ୟାନ୍ୟ ଅଧିକାରୀ, କର୍ମଚାରୀଗଣ, ଡି.ସି.ଓ, ସି.ଡି.ପି.ଓ, ପୁରୀ ଉପସ୍ଥିତ



ଥିଲେ । ଶ୍ରୀମନ୍ଦିର ପ୍ରଶାସନର ଏହି ଆଧ୍ୟାତ୍ମିକ କାର୍ଯ୍ୟକ୍ରମଟିକୁ ସମ୍ପୂର୍ଣ୍ଣ ଭାବେ ସଂଯୋଜନା କରିଥିଲେ, ଶ୍ରୀମନ୍ଦିର ପ୍ରଶାସନର ଲୋକସଂପର୍କ ଅଧିକାରୀ ଶ୍ରୀଯୁକ୍ତ ଲକ୍ଷ୍ମୀଧର ପୂଜାପଣ୍ଡା । ଶ୍ରୀମନ୍ଦିର ପ୍ରଶାସନର ଓ.ଏସ୍.ଡି.ଶ୍ରୀ ଶୁଭ୍ରାଂଶୁ ଶେଖର ପାଢ଼ୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

ପୂର୍ବ ପ୍ରକାଶିତ ଉତ୍ତାରୁ...

# ସ୍ୱତ୍ୱଲିପିରେ ଶ୍ରୀମନ୍ଦିର ନୀତି

## ଆଶ୍ୱିନ କୃଷ୍ଣ ଅଷ୍ଟମୀ : (ଦ୍ୱିତୀୟା ଓଷା)

ଏ ଦିନ ସକାଳ ଧୂପ ବଢ଼ିବା ଉତ୍ତାରେ ଲକ୍ଷ୍ମୀ ଠାକୁରାଣୀ ଶ୍ରୀଅଙ୍ଗରୁ ଆଜ୍ଞାମାଳ ପାଇ ସାତ ପାହାଚ ଦ୍ୱାରଠାରେ ଥିବା ପାଲିଙ୍କିରେ ବିଜେ ହୋଇ ଲକ୍ଷ୍ମୀଙ୍କ ମନ୍ଦିରଠାରେ ଖଟ ଉପରେ ବିଜେ ହୋଇବେ । ଏଠାରେ ମହାଜନେ ମାଜଣା ବନକ ଲାଗି ବଢ଼ାଇବେ । ବେଶ ହୋଇ ଅଳଙ୍କାର ଲାଗି ଓ କର୍ପୂର ଲାଗି ହେବେ । ପର୍ବଯାତ୍ରା ଯୋଗଣିଆ ଦେବା ଭୋଗ ଓ ଫଳ ସାମଗ୍ରୀମାନ ଆଗରେ ଥୁଆ ହେବ । ପଣ୍ଡା ଆସି ଲକ୍ଷ୍ମୀବ୍ରତ କଥା ଶୁଣାଇବେ । ଭୋଗ ବନ୍ଦାପନା ହେବେ । ମଧ୍ୟାହ୍ନ ଧୂପ ଉଠିବା ପରେ ଭିତର ସିଂହାସନକୁ ବିଜେ ହେବେ । ଯଦି ଏଦିନ ସହସ୍ର କୁମ୍ଭ ଅଭିଷେକ ପଡେ, ତେବେ ଆଗ ଲକ୍ଷ୍ମୀ ଯାଇ ସାରିବା ପରେ ଦୁର୍ଗା ପଛରେ ଆଜ୍ଞାମାଳ ପାଇ ସୋମନାଥ ମଣ୍ଡପଠାକୁ ବିଜେ ହୋଇବେ ।

## ଆଶ୍ୱିନ ଶୁକ୍ଳ ଦଶମୀ : (ଦଶହରା, ଅପରାଜିତା ଦଶମୀ ଓ ଆୟୁଧ ପୂଜା)

ଏ ଦିନ ଅବକାଶ ବଢ଼ିବା ଉତ୍ତାରେ ଭଣ୍ଡାର ଦ୍ୱାରଠାରୁ ଭଣ୍ଡାର ମେକାପ ରୂପା ବଟା ତିନି ଗୋଟାରେ ଚନ୍ଦନ ନେଲେ ତିନି ବାଢ଼ରେ ଚନ୍ଦନ ଲାଗି ହୁଅନ୍ତି । ପରେ ନୂଆ ଲୁଗା ଲାଗି ହୋଇ ବଡ ତଢ଼ାଉ(୩୨ମୂର୍ତ୍ତି) ଲାଗିହୋଇ 'ରାଜ ବେଶ' ହୁଅନ୍ତି । କର୍ପୂର ଲାଗି ପରେ ପାଳିଆ ପଶୁପାଳକ, ଖୁଣ୍ଟିଆ ଓ ମେକାପକୁ ଶ୍ରୀଅଙ୍ଗ ମଣାଇ ଦେଇ ଓହ୍ଲାଇ ଆସନ୍ତି । ଏହି ବେଶରେ ପାଞ୍ଚ ଖଣ୍ଡ ଆଜ୍ଞାମାଳ ଲାଗି ହୋଇଥିବେ । ପାଣି ପଡି ଗୋପାଳ ବଲ୍ଲଭ ସରିଲା ପରେ ସକାଳ ଧୂପ ବଢ଼ିବ । ଏ ଉତ୍ତାରେ ଭଣ୍ଡାର ଦ୍ୱାରଠାରେ ପୂଜାରେ ବସିଥିବା ଆୟୁଧମାନଙ୍କୁ ପଣ୍ଡା ଆସି ଭଣ୍ଡାର ଦ୍ୱାରଠାରେ ମହାସ୍ନାନ କରାଇ ବରୁଣ ପୂଜା ସାରିବେ । ପରେ ଏ ଦିନ ସହସ୍ର କୁମ୍ଭ ଅଭିଷେକ ହୁଏ ।

୬ ଜଣ ମେକାପ ୩ଟା ରୂପା ଥାଳିରେ ଆୟୁଧମାନ ରଖି ଘଣ୍ଟ, ଛତା, କାହାଳୀସହ ତଳିଛ ପ୍ରଧାନୀ ପଟୁଆର ହୋଇ ବଡ଼ ଦେଉଳକୁ ୩ ବେଢ଼ା ବୁଲି ଭିତର ସଂହାସନଠାକୁ ବିଜେ କରାଇବା ଉତ୍ତାରେ ୩ଜଣ ପାଳିଆ ପଶୁପାଳକ ୩ ବାଢ଼ରେ ଆୟୁଧ ଲାଗି କରାଇବେ । ଯଥା:- (କ) ବଡବାଡରେ .. ହଳ ମୂଷଳ... ୨, (ଖ) ମଝି ବାଡରେ... ତଡଗୀ...୨, (ଗ) ମହାପ୍ରଭୁଙ୍କ ବାଢ଼ରେ... ଶଙ୍ଖ, ଚକ୍ର ... ୨ ।

ଦକ୍ଷିଣ ଘରଠାରେ ମଦନମୋହନ ରାମ ଓ କୃଷ୍ଣ ଦଶହରା ପଦା (ମହାଖଳା)କୁ ଯିବା ପାଇଁ ବୀରବେଶ ହୋଇଥିବେ । ଭିତରେ ଆଳତି ଲାଗିପରେ ଦକ୍ଷିଣ ଘର ମଦନମୋହନ, ରାମକୃଷ୍ଣ ଓ ଭଣ୍ଡାରରୁ ଦୁର୍ଗାମାଧବ (ଯେ କି ରୁନ୍ଧାରେ ଥାନ୍ତି) ଭିତର ସିଂହାସନକୁ ବିଜେ କରିବେ । ସୁଦୁସୁଆର ୩ ଗୋଟି ପିତଳ ବଟାରେ ମଙ୍ଗଳାର୍ପଣ ସାମଗ୍ରି ନେଇ ରଖିବେ । ପଣ୍ଡା ପଡି ମୁଦିରସ୍ତେ ୩ ବାଢ଼ରେ ମଙ୍ଗଳାର୍ପଣ କରିବେ । ପରେ ପଣ୍ଡା ୫ ଠାକୁରଙ୍କୁ ୫ ଆଜ୍ଞାମାଳ ଦେଲେ ମହାଜନେ ହାତରେ ବିଜେ କରାଇ ଆଣି ଜଗମୋହନ ଦେଇ ବଟମୂଳେ ଥିବା ପାଲିଙ୍କିରେ ରାମକୃଷ୍ଣଙ୍କୁ ଓ ରଥରେ ଦୁର୍ଗାମାଧବଙ୍କୁ, ବିମାନରେ ମଦନମୋହନଙ୍କୁ ବିଜେ କରାଇବେ । ଏଠାରେ ରୁନ୍ଧା ବଢ଼ିବା ଉତ୍ତାରେ ବିମାନବଡୁମାନେ ଠାକୁରମାନଙ୍କୁ ମହାଖଳା ପଦାଠାକୁ ବିଜେ କରାଇବେ । ଏଠାରେ ମୁଦିରସ୍ତେ ରାମକୃଷ୍ଣଙ୍କୁ ଓ ସବୁ ଠାକୁରଙ୍କୁ ପ୍ରସାଦ ଲାଗି କରାଇବା ପରେ ଶୀତଳ ଭୋଗ ହୋଇ ବନ୍ଦାପନା ହେଲେ ବାହୁଡା ବିଜେ ହୋଇ ଆସି ମାଧବ ସିଂହାସନକୁ ଦୁର୍ଗା ଭଣ୍ଡାରକୁ ଓ ଅନ୍ୟ ତିନି ଠାକୁର ଦକ୍ଷିଣ ଘରକୁ ବିଜେ କରିବେ । ଏ ଠାକୁରମାନେ ଆଜ୍ଞାମାଳ ପାଇ ବିଜେ କଲା ଉତ୍ତାରୁ ଭୋଗ ମଣ୍ଡପ ହେବ, ଏହାପରେ ଦିଅଁ ଫେରି ଆସିବା ଯାଏ ସର୍ବ ସାଧାରଣ ଦର୍ଶନ ହେବ ।

## (୨୨)-ଆଶ୍ୱିନ ଶୁକ୍ଳ ଏକାଦଶୀ : (ଦଶହରା ଏକାଦଶୀ)

ଏହି ଏକାଦଶୀ ଦିନଠାରୁ କାର୍ତ୍ତିକ ମାସ ନୀତି ବେଶ, ଭୋଗ ଓ ବ୍ରତ ଆରମ୍ଭ ହୁଏ । ରାତ୍ର ଦୁଇ ଘଡି ଥାଉଣୁ ଆଳତି ଅବକାଶ ବଢ଼ି 'ରାଧା ଦାମୋଦର ବେଶ' ହୋଇ ଗୋପାଳ ବଲ୍ଲଭ ଉଠିବ । ସକାଳ ଧୂପ ସରିବାପରେ ପାଣି ପଡି ବାଳଧୂପ ଛେକ ଆସିଲାପରେ ମୁଦିରସ୍ତ ଶ୍ରୀଅଙ୍ଗରେ ପ୍ରସାଦ ଲାଗି କରିବେ । ବାଳ ଧୂପ ସରିବାପରେ ୩ ବାଢ଼େ ବନ୍ଦାପନା ହୁଏ । ସକାଳ ଧୂପ ବସିବାଠାରୁ ବାଳ ଧୂପ ଶେଷ ହେବା ପର୍ଯ୍ୟନ୍ତ ପଣ୍ଡା ସିଂହାସନରେ ବସି ରହିବେ । ଉଠିଆସି ପାରିବେ ନାହିଁ



## (୨୩) ଆଶ୍ୱିନ ପୂର୍ଣ୍ଣିମା : (କୁମାର ପୂର୍ଣ୍ଣିମା ଓ ଦ୍ୟୁତ କ୍ରୀଡା)

ଏ ଦିନ ମଧ୍ୟାହ୍ନ ଧୂପ ପରେ ମହାଜନେ ଲକ୍ଷ୍ମୀ ସରସ୍ୱତୀଙ୍କୁ ଖଟ ଶେଯ ଘରେ ବିଜେକଲା ଉତ୍ତାରେ ଦଇତାପତିମାନେ ସିଂହାସନରେ ଉଠି ପଣ୍ଡା ଆଜ୍ଞାମାଳ ଦେଲେ ସୁଦର୍ଶନଙ୍କୁ ବିଜେ କରାଇ ଆଣି ଜଗମୋହନ ସ୍ଥିତ ଚଉଦୋଳରେ ବିଜେ କରାଇବେ । ଏଠାରେ ରୁନ୍ଧା ପାଟ ପତନୀ ଲାଗି ବଢ଼ିବା ଉତ୍ତାରେ ଚୂଳ ଲାଗି ହୋଇ ଚଉଦୋଳ ସହ ଝୁଲଣ ମଣ୍ଡପ ନିକଟକୁ ବିଜେ ହୋଇ ଅଳଙ୍କାର ଲାଗି ହୋଇବେ । ବଡ଼ଦେଉଳକୁ ବେଢ଼ାଏ ବୁଲି ଘଣ୍ଟ, ଛତା, କାହାଳୀ ସହ ବଡଦାଣ୍ଡ ବାଟେ ଛୋଟରାୟପୁର ହାଟଦେଇ (ନବର ଦ୍ୱାର) ଉତ୍ତର ପାଟଣା ବାଟେ (ମରିଚ କୋଟ ଗଳି ନିକଟ) ଉଗ୍ରସେନଙ୍କ ଆଶ୍ରମ (ଜମ୍ବେଶ୍ୱରଙ୍କ) ଜହ୍ନିମୁଣ୍ଡିଆ ଉପରେ ଚଉଦୋଳ ସହ ବିଜେ କରିବେ । ଭୋଗ ବନ୍ଦାପନା ବଢ଼ିବ । ବିଜେ କରି ଆସି ପଶ୍ଚିମଦ୍ୱାର ଚକଡ଼ାରେ ବିଜେ ହୋଇ ରହିବେ । ଏଠାରେ ପତି ମହାପାତ୍ର ପ୍ରସାଦ ଲାଗି କରାଇ, ବନ୍ଦାପନା ବଢ଼ାଇ ଜଗମୋହନ ଭିତରକୁ ଜୟ-ବିଜୟ ଦ୍ୱାରଠାକୁ ବିଜେ କରାଇବେ । ଦଇତା ରୁନ୍ଧା ଫିଟାଇ ସିଂହାସନରେ ବିଜେ କରାଇବେ । ପାଳିଆ ମେକାପ ସିଂହାସନ ଧୋଇବାପରେ ୪ ବାଢ଼ରେ ମହାସ୍ନାନ ବଢ଼ିଲା ଉତ୍ତାରେ ଲକ୍ଷ୍ମୀ ସରସ୍ୱତୀ ସିଂହାସନକୁ ବିଜେ ହୋଇବେ । ପଣ୍ଡାପତି, ମୁଦିରସ୍ତେ, ଘଟୁଆରୀ ଘରଠାରୁ ୩ ଗୋଟି ରୂପା ପିଙ୍ଗଣରେ ସର୍ବାଙ୍ଗ ବିଜେ କରାଇ ଆଣି ଲାଗି କରାଇବା ପରେ ନୂଆ ଲୁଗା ଲାଗି ହୋଇ ବେଶ ହୋଇବେ । ସନ୍ଧ୍ୟା ଆଳତି ବଢ଼ିବାପରେ ସଞ୍ଜଧୂପରେ ୪ଜଣ ପଣ୍ଡା ପୂଜାରେ ବସିବେ । ଏ ଭୋଗରେ ସୁଦର୍ଶନଙ୍କ ବାଡରେ ପ୍ରସାଦ ଲାଗି ହୋଇ ବନ୍ଦାପନା ହୋଇବ । ଏ ଭୋଗରେ ଦୁଇ ଖଣ୍ଡ ଆଜ୍ଞାମାଳ ଲାଗିହୋଇ ଥିବେ । ଭୋଗ ପରେ ପାଣି ପଡିବାପରେ ଦକ୍ଷିଣ ଘରୁ ମଦନମୋହନ ଭିତରକୁ ବିଜେକଲେ ପଣ୍ଡା ଏହାଙ୍କୁ ଓ ଲକ୍ଷ୍ମୀଙ୍କୁ ଆଜ୍ଞାମାଳ ଦେଲେ ମହାଜନେ ହାତରେ ବିଜେ କରାଇ ଆଣି ୭ପାହାଚଠାରେ ଥିବା ପାଲିଙ୍କିରେ ବିଜେ କରାଇବେ। ବିମାନବଡୁମାନେ ବାହାର କୁଆଁର ନିମନ୍ତେ ଲକ୍ଷ୍ମୀ ମନ୍ଦିର ଜଗମୋହନରେ ଖଟଉପରେ ବିଜେ କରାଇବେ । ଏଠାରେ ମହାପ୍ରଭୁଙ୍କ ପ୍ରତିନିଧି ମୁଦିରସ୍ତ ଓ ଲକ୍ଷ୍ମୀଙ୍କ ପ୍ରତିନିଧି ମୁଦୁଲି ମହାଜନ ଅର୍ଥାତ୍- ଭିତରଛ ଉଭୟେ ହିଙ୍ଗୁଳ କଉଡି ୨୧, ରୂପା କଉଡ଼ି ୨୧, ପଶା ଶକଟା ଖେଳମାନ ଖେଳିବେ । ପରେ ଏହାଙ୍କ ଛାମୁରେ ପାଣିପଢି ଫଳ ସାମଗ୍ରୀମାନ ଶୀତଳ ମଣୋହି ହୋଇ ବାହୁଡା ବିଜେ କରିବେ । ଲକ୍ଷ୍ମୀ ସିଂହାସନକୁ ଓ ମଦନମୋହନ ଦକ୍ଷିଣ ଘରକୁ ବିଜେ କରିବେ ।

ଏହାପରେ ଚନ୍ଦନ ଲଗି ବଢ଼ି ବଡସିଂହାର ବେଶ ହୋଇବେ । ଏ ବେଶରେ ନୂଆ ପତନୀ ଲୁଗା ଲାଗି ହୋଇ ତଢ଼ାଉ ୬ ମୂର୍ତ୍ତି ଲାଗି ହୋଇବେ । ଆଜ୍ଞାମାଳ ଖଣ୍ଡେ ଲାଗି ହୋଇବେ । ବଡସିଂହାର ଧୂପ ସରିବା ପରେ ଭିତରେ ପାଣି ପଡିବା ଉତ୍ତାରେ ଫଳ ସାମଗ୍ରୀ ମହାସୁଆର ପଡି କଲେ, ପଣ୍ଡା ଆସି ପାଣି ଛଡ଼ାଇବେ । ପରେ ୩ଜଣ ପଣ୍ଡା ଓ ପଣ୍ଡାପତି ମୁଦିରସ୍ତ ସିଂହାସନ ତଳେ ଜୁଆ, ଶକଟା, ପଶା ଓ କଉଡି ଖେଳିବେ । ସିଂହାସନ ଉପରେ ଉଠି ସେଠାରେ ଖେଳ ହେବ । ଏ ଖେଳରେ ଲକ୍ଷ୍ମୀଙ୍କ ପାଶରେ ମହାପ୍ରଭୁ ହାରିଥିବାରୁ ନୀଳମାଧବ ମହାଜନ ହାତରେ ବିଜେ ହୋଇ ଲକ୍ଷ୍ମୀଙ୍କ ମନ୍ଦିରରେ ୭ଦିନ ରହିବେ । ୮ମ ଦିନ ଅବକାଶ ପୂଜା ଠା ସମୟକୁ ବନ୍ଧାରୁ ଫିଟି ଭିତର ସିଂହାସନକୁ ବିଜେ ହେବେ । ଏ ସାତ ଦିନରେ ଗୁରୁବାର ଏକାନ୍ତ ନୀତି ହୁଏ ନାହିଁ ।

## ଜାଣିବା କଥା ... ଅଣାକ୍ଷର

**ପ୍ରଶ୍ନ ଓ ଉତ୍ତର :**

୧. ପ୍ର - ଶ୍ରୀକ୍ଷେତ୍ରର 'ଉଗ୍ରସେନ ମୁଣ୍ଡି' କେଉଁ ସ୍ଥାନକୁ ବୁଝାଏ ?
ଉ - ଶ୍ରୀକ୍ଷେତ୍ରର ବାଲିସାହସ୍ଥ ଉଗ୍ରସେନଙ୍କ ଆସ୍ଥାନ ।

୨. ପ୍ର - ଶ୍ରୀମନ୍ଦିର ପରମ୍ପରାରେ 'ଉଞ୍ଛବା' ଶବ୍ଦର ଅର୍ଥ କ'ଣ ?
ଉ - ଲୁଗା କୁଞ୍ଚ ବା ସଜାଡିବା, ସଜ୍ଜିତ କରିବା, ରୁଞ୍ଛବା, ଶ୍ରୀମନ୍ଦିରରେ ଶ୍ରୀବିଗ୍ରହମାନଙ୍କର ଅଭିଷେକ ସମୟରେ ଲୁଗା ସଜାଡିବା ଓ କୁଞ୍ଚ କରିବାରେ ଏହାର ବାରମ୍ବାର ବ୍ୟବହାରକୁ ବୁଝାଏ ।

୩. ପ୍ର - ଶ୍ରୀମନ୍ଦିରରେ 'ଉତ୍ତରାୟଣ ଯାତ୍ରା'ର ଗୁରୁତ୍ୱ କ'ଣ ?
ଉ - ଶ୍ରୀମନ୍ଦିରରେ ମକର ସଂକ୍ରାନ୍ତି ଦିନ ଶ୍ରୀଜଗନ୍ନାଥଙ୍କର 'ଉତ୍ତରାୟଣ' ନୀତି ଯଥାବିଧି ପାଳନ କରାଯାଏ ।

୪. ପ୍ର- ଶ୍ରୀମନ୍ଦିରରେ 'ଉତ୍ଥାପନ ଯାତ୍ରା' କେବେ ଅନୁଷ୍ଠିତ ହୁଏ ?
ଉ- କାର୍ତ୍ତିକ ଶୁକ୍ଳ ଏକାଦଶୀ ଦିନ ଶ୍ରୀବିଗ୍ରହମାନଙ୍କରଉତ୍ଥାପନ ଯାତ୍ରା ଅନୁଷ୍ଠିତ ହୁଏ । ଆଷାଢ଼ ମାସରୁ କାର୍ତ୍ତିକ ମାସ ଦୀର୍ଘ ଚାରିମାସ କାଳ ଠାକୁରମାନେ ଶୟନ କରିଥାନ୍ତି । ଏହି ଦିନରେ ନିଦରୁ ଉଠି ମହାପ୍ରଭୁ ଯାତ୍ରାମାନ ଆରମ୍ଭ କରନ୍ତି ।

*ସୌଜନ୍ୟ- ଶ୍ରୀମନ୍ଦିର ଶବ୍ଦକୋଷ- ଶ୍ରୀଜଗନ୍ନାଥ ଗବେଷଣା ପ୍ରତିଷ୍ଠାନ, ଭୁବନେଶ୍ୱର*

ଯୁଗେ ଯୁଗେ ରଥଯାତ୍ରା .....

## ୧୯୧୬ ମସିହା ପୁରୀ ରଥଯାତ୍ରା


### (ଭାଗ-୫୧-ସଂଖ୍ୟା ୨୫ - ତା. ୧୭ ରିଖ, ଜୁନ୍)

ଗତ ତା.୧୪ରିଖ ବୁଧବାର ସକାଳେ ଠାକୁରମାନେ ରତ୍ନ ସିଂହାସନ ଛାଡ଼ି ତାର ଉପରେ ସମାସୀନ ହୁଅନ୍ତେ ବଡ଼ ସିଂହଦ୍ୱାର ପର୍ଯ୍ୟନ୍ତ ଦୈନିକ ନୀତି ଯଥାଶୀଘ୍ର ସମାଧା ହୋଇଥିଲା । ପରେ ଶେଷ ରାତ୍ର ପ୍ରାୟ ୩ଘଣ୍ଟା ଠାରେ ଶ୍ରୀଜିଉଙ୍କର ପହଣ୍ଡି ବିଜୟ ଆରମ୍ଭ ହୋଇଥିଲା ଏବଂ ସର୍ବ ଶେଷେ ଶ୍ରୀଜଗନ୍ନାଥ ଦେବ ସ୍ନାନ ମଣ୍ଡପାରୋହଣ କଲା ବେଳକୁ ଠିକ୍ ସୂର୍ଯ୍ୟୋଦୟ ହୋଇଥିଲା । ତା. ୧୫ରିଖ ଗୁରୁବାର ପୂର୍ଣ୍ଣିମା ଦିନ ପୂର୍ବାହ୍ନ ଘ୯ଣ୍ଟା ବେଳେ ସୁବାସିତ ଶୀତଳ ଜଳରେ ସ୍ନାନୋତ୍ସବ ସୁସମ୍ପନ୍ନ ହେବା ପରେ ଚିରନ୍ତନ ପ୍ରଥା ମତେ ଠାକୁରମାନେ ମଠମାନଙ୍କରୁ ଆନୀତ-ହସ୍ତୀ ବେଶ ଧାରଣ କରିଥିଲେ । ମଧ୍ୟାହ୍ନରେ ଖେଚେଡ଼ି ଭୋଗ ଶେଷ ହେବା କିଛି କ୍ଷଣ ପରେ ଯାତ୍ରୀମାନଙ୍କର ଦର୍ଶନ ସକାଶେ ସାହାଣ ମେଲାର ବିଧାନ ହୋଇଥିଲା । ସନ୍ଧ୍ୟା ପର୍ଯ୍ୟନ୍ତ ଯାତ୍ରୀ ଓ ସ୍ଥାନୀୟ ଲୋକେ ମଣ୍ଡପୋପରେ ଶ୍ରୀଜିଉଙ୍କର ଦର୍ଶନ କରି କୃତାର୍ଥ ହୋଇଥିଲେ । ମନ୍ଦିର ପୁଲିସ ଯାତ୍ରୀ ଦର୍ଶନର ସୁବ୍ୟବସ୍ଥା କରିଥିଲେ । ସନ୍ଧ୍ୟା ପରେ ଠାକୁରମାନେ ଏକେ ୨ ପହଣ୍ଡି ବିଜେକରି ରାତ୍ର ପ୍ରାୟ ଘ୧୨ଣ୍ଟା ମଧ୍ୟରେ ଅନବସର ପିଣ୍ଡିରେ ବିରାଜମାନ ହେଲେ । ପରେ ତାଟି ବନ୍ଧନ ପଟ ସଂସ୍ଥାପନାନ୍ତେ ପଣା ଭୋଗାଦି ଅନୁଷ୍ଠିତ ହୋଇଥିଲା ।

## ୧୯୧୬ ମସିହା ପୁରୀ ରଥଯାତ୍ରା

### (ଭାଗ-୫୧-ସଂଖ୍ୟା ୨୯ - ତା. ୧୫ ରିଖ, ଜୁଲାଇ)

ଗତ ତା.୧ରିଖ ଶନିବାର ଉଭାଯାତ୍ର ଦିନ ଶ୍ରୀଜିଉଙ୍କର ନେତ୍ରୋତ୍ସବ ବିଧି ପରେ ମଧ୍ୟାହ୍ନରେ ସକାଳଧୂପ ଶେଷେ ତିନି ରଥକୁ ଆଜ୍ଞାମାଳ ଆସିଥିଲା । ଅପରାହ୍ନ ପ୍ରାୟ ଘ୩ଣ୍ଟା ସମୟେ ମାଜିଷ୍ଟ୍ରେଟ୍ ଓ ପୁଲୀଶ ସାହେବ ଏବଂ ଅନ୍ୟାନ୍ୟ ପୁଲୀଶ କର୍ମଚାରୀ ଉପସ୍ଥିତ ଥାଇ ରଥ ଚାରିପାଖେ ଦଉଡ଼ି ଘେରା ଓ ପୁଲୀଶ ପ୍ରହରୀର ବ୍ୟବସ୍ଥା ହୋଇ ରଥଟଣା ଆରମ୍ଭ ହେଲା ଏବଂ ଏକ ଘଣ୍ଟା ପରେ ତିନି ରଥ ସିଂହଦ୍ୱାରରେ ଲାଗିଲେ । ରଥଟଣା ପୂର୍ବରୁ ରଥମଣ୍ଡନ, ଚିତ୍ର ଓ ପାର୍ଶ୍ୱ ଦେବତା ସ୍ଥାପନାଦି ସମସ୍ତ କାର୍ଯ୍ୟ ଶେଷ ହୋଇଥିଲା ।




ତା.୨ରିଖ ରବିବାର ଶ୍ରୀଗୁଣ୍ଡିଚା ଦିନ ପୂର୍ବାହ୍ନ ଘ୮ଣ୍ଟାରେ ଶ୍ରୀଜିଉଙ୍କର ଖେଚେଡ଼ି ଭୋଗ ସମାଧା ହୋଇଥିଲା । ଯଥାବିଧି ରଥପ୍ରତିଷ୍ଠା ପରେ ପ୍ରାୟ ଘ୯ଣ୍ଟା ଠାରେ ପହଣ୍ଡି ବିଜୟ ଆରମ୍ଭ ହେଲା ଏବଂ ମଧ୍ୟାହ୍ନ ଘ୧୨ଣ୍ଟା ସମୟେ ପହଣ୍ଡି ଶେଷେ ଠାକୁରମାନେ ରଥାରୋହଣ କଲେ । ରଥ ଉପରୁ ଚାର ଫିଟି ଅଶ୍ୱ ଓ ସାରଥୀ ସ୍ଥାପନା ପରେ ପ୍ରାୟ ଘ୧ଣ୍ଟା ବେଳେ ଯଥାକ୍ରମେ ତିନିରଥ ଟଣା ହେଲା । ମାଜିଷ୍ଟ୍ରେଟ୍ ସାହେବ ପ୍ରଭୃତି ପତାକା ହସ୍ତେ ଏକ ୨ ରଥ ପାଖରେ ରହି ରଥଟଣାର ସୁବ୍ୟବସ୍ଥା କରିଥିଲେ । ଏ ଦିନ ଟାଣ ଖରା ବା ବର୍ଷା ନ ଥାଇ ମେଘାଚ୍ଛନ୍ନ ଥିବାରୁ ଯାତ୍ରୀମାନେ ବଡ଼ ଆନନ୍ଦରେ ହରି ଧ୍ୱନି କରି ରଥ ଟାଣିଥିଲେ । ଯଥାକ୍ରମେ ଅପରାହ୍ନ ଘ୫ଣ୍ଟା ଓ ଘ୫୪ଣ୍ଟା ସମୟେ ଶ୍ରୀବଳଭଦ୍ର ଦେବ ଓ ସୁଭଦ୍ରା ଦେବୀଙ୍କର ରଥ ଗୁଣ୍ଡିଚା ମନ୍ଦିରରେ ଲାଗିଲେ । ଶ୍ରୀଜଗନ୍ନାଥ ଦେବଙ୍କର ରଥ ଗୁଣ୍ଡିଚା ମନ୍ଦିରର ନିକଟବର୍ତ୍ତି ହେବା ସମୟେ ସାମାନ୍ୟ ବର୍ଷା ଯୋଗୁ ଲୋକେ ରଥ ଦଉଡ଼ି ଛାଡ଼ି ଚାଲି ଯାଇଥିଲେ, ମାତ୍ର କ୍ଷଣକ ପରେ ବର୍ଷାର ବେଗ ଊଣା ପଡିବାରୁ ଲୋକେ ସହର୍ଷ ମନରେ ରଥଟଣାରେ ଯୋଗ ଦେଇଥିଲେ । ସନ୍ଧ୍ୟାପୂର୍ବରୁ ଶ୍ରୀଜଗନ୍ନାଥ ଦେବଙ୍କର ରଥଗୁଣ୍ଡିଚା ମନ୍ଦିରରେ ଉପସ୍ଥିତ ହେଲେ ।

ପରଦିନ ତା.୩ରିଖ ସୋମବାର ରଥ ଉପରେ ସନ୍ଧ୍ୟାଧୂପ ପର୍ଯ୍ୟନ୍ତ ନୀତି ଶେଷ ହୁଅନ୍ତେ, ଅପରାହ୍ନ ଘ୫୪ଣ୍ଟା ସମୟେ ପହଣ୍ଡି ବିଜେ ଆରମ୍ଭ ହୋଇଥିଲା ଏବଂ ଠାକୁରମାନେ ଗୁଣ୍ଡିଚା ମନ୍ଦିର ସିଂହାସନାରୂଢ଼ ହେଲାବେଳକୁ ରାତ୍ର ପ୍ରାୟ ଘ୧୦ଣ୍ଟା ହୋଇଥିଲା । ଏ ରାତ୍ରରେ ଶ୍ରୀଜିଉଙ୍କର ବଡ଼ ସିଂହାରରେ ଅନ୍ନଭୋଗ ହୋଇଥିଲା ଏବଂ ପରଦିନ ଠାରୁ ଯଥାରୀତି ଅନ୍ନଭୋଗ ସମ୍ପାଦିତ ହେଉଅଛି ।

ରଥଯାତ୍ରା ଚାରି ପାଞ୍ଚଦିନ ପୂର୍ବରୁ ଯାତ୍ରୀ ସଂଖ୍ୟା ଦିନ ୨ ବୃଦ୍ଧି ହୋଇଥିଲା । ଶ୍ରୀଗୁଣ୍ଡିଚା ଦିନ ଆନୁମାନିକ ୩୦ ହଜାର ଯାତ୍ରୀ ହୋଇଥିଲେ । ଅଧିକାଂଶ ବଙ୍ଗାଳି ଓ ପଶ୍ଚିମା ଅବଶିଷ୍ଟ ଅନ୍ୟାନ୍ୟ ଦେଶୀୟ ଥିଲେ ।

## କବୀର ଚୌରା ମଠ ଓ ସନ୍ଥ କବୀର

ସନ୍ଥ କବୀର ଚତୁର୍ଦ୍ଦଶ ଶତାବ୍ଦୀର ଶେଷ ଭାଗରେ ଅର୍ଥାତ୍ ୧୩୯୮ ମସିହାରେ କାଶୀଠାରେ ଲହରତାଲା ପୁଷ୍କରଣୀ ନିକଟରେ ହୋଇଥିଲା । ଏ ସଂପର୍କରେ ଏକ କିମ୍ବଦନ୍ତୀ ଶୁଣିବାକୁ ମିଳେ ଯେ ଶ୍ରୀରାମଙ୍କ ପରମ ଭକ୍ତ ସ୍ୱାମୀ ରାମାନନ୍ଦ ଜଣେ ବିଧବା ବ୍ରାହ୍ମଣୀକୁ ଭୁଲବଶତଃ ପୁତ୍ରବତୀ ହେବାକୁ ଆଶୀର୍ବାଦ ଦେବାରୁ ବ୍ରାହ୍ମଣୀ ସନ୍ତାନବତୀ ହୋଇ ଲଜ୍ଜାରେ ସେହି ପୁଷ୍କରଣୀ ନିକଟରେ କବୀରଙ୍କୁ ପରିତ୍ୟାଗ କରି ଚାଲି ଆସିଥିଲେ । ଏହାପରେ ନିମା ଏବଂ ନିରୁ ନାମକ ମୁସଲମାନ ଦମ୍ପତି କବୀରଙ୍କୁ ପାଳନ ପୋଷଣ କରିଥିଲେ । ପାଳକ ପିତା ମାତା ହିନ୍ଦୁ ନ ଥିଲେ ମଧ୍ୟ ସ୍ୱାମୀ ରାମାନନ୍ଦଙ୍କୁ ଗୁରୁ ଭାବରେ ଗ୍ରହଣ କରି କବୀର ରାମନାମକୁ ନିର୍ଗୁଣ ସ୍ୱରୂପ ଭାବରେ କୀର୍ତ୍ତନ କରୁଥିଲେ ।



କବୀର କୌଣସି ବିଦ୍ୟାଶିକ୍ଷା ଲାଭ କରିନଥିଲେ ମଧ୍ୟ, ବାଲ୍ୟ କାଳରୁ ତାଙ୍କର ଆଧ୍ୟାତ୍ମିକ ଭାବ ପ୍ରତି ଦୁର୍ବଳତା ରହିଥିଲା । ଫଳରେ 'ଲୋଇ' ନାମକ ଜଣେ ଯୁବତୀଙ୍କୁ ବିବାହ କରି ମଧ୍ୟ, ସଂସାରିକ ମାୟା ଓ ବଂଧନରେ ବାନ୍ଧି ହୋଇ ନଥିଲେ । ଶେଷରେ ରାମାନନ୍ଦଙ୍କ ପଥ ଅନୁସରଣ କରି ରାମଙ୍କୁ ନିର୍ଗୁଣ ବ୍ରହ୍ମ ଭାବେ ଉପାସନା କଲେ ।

ସନ୍ଥ କବୀର ମୂର୍ତ୍ତି ପୂଜାର ବିଶ୍ୱାସୀ ନଥାଇ, ହିନ୍ଦୁ ଏବଂ ମୁସଲମାନ ଧର୍ମର ସାରମର୍ମକୁ ଗ୍ରହଣ କରି ଏକ ସରଳ ସମନ୍ୱୟ ପନ୍ଥାର ପ୍ରବର୍ତ୍ତନ କରିଥିଲେ । ସେ ଭଗବାନଙ୍କୁ ନିର୍ଗୁଣ ନିରଞ୍ଜନ, ନିରାକାର ପରଂବ୍ରହ୍ମ ବୋଲି ଚିନ୍ତା କରିଥିଲେ ମଧ୍ୟ ସାଙ୍କେତିକ ଭାବରେ ପରଂବ୍ରହ୍ମଙ୍କୁ ଶ୍ରୀରାମ, କୃଷ୍ଣ, ଗୋବିନ୍ଦ ଭାବରେ ଅବଗତ କରିଥିଲେ । କବୀର କାଶୀଠାରେ ରହି ଶ୍ରୀଜଗନ୍ନାଥଙ୍କ ନିର୍ଗୁଣ ବ୍ରହ୍ମତତ୍ତ୍ୱ କଥା ସାଧୁସନ୍ଥଙ୍କ ମୁଖରୁ ଶୁଣି ଶୁଣି, ମହାପ୍ରଭୁଙ୍କର ପରମ ଭକ୍ତ ହୋଇପଡିଥିଲେ । କବୀର ପନ୍ଥୀଙ୍କ ମତରେ ଗଜପତିଙ୍କ ନିମନ୍ତ୍ରଣ ପାଇ କବୀର ୧୪୧୬ ମସିହାରେ ପୁରୀ ଆଗମନ କରିଥିଲେ । ଗଜପତିଙ୍କ କବୀରଙ୍କୁ ଆମନ୍ତ୍ରଣର କାରଣ ଥିଲା, ମହୋଦଧିର ଶ୍ରୀମନ୍ଦିର ମଧ୍ୟକୁ ବାରମ୍ବାର ଅନୁପ୍ରବେଶ । ଏଥିରୁ ରକ୍ଷା ପାଇବା ପାଇଁ ରାଜା ଶ୍ରୀଜଗନ୍ନାଥଙ୍କ ଠାରେ ଅଧିଆ ପଡ଼ି ସ୍ୱପ୍ନାଦେଶ ପାଇଥିଲେ ଯେ- ମୋର ପରମ ଭକ୍ତ ସନ୍ଥ କବୀରଙ୍କୁ ବାରଣାସୀରୁ ନିମନ୍ତ୍ରଣ କରି ଆଣ । ମୋ ନିର୍ଦ୍ଦେଶରେ ସେ ସମୁଦ୍ରକୁ ନିୟନ୍ତ୍ରଣ କରିବ । ରାଜାଙ୍କ ଦୂତ ବାରଣାସୀରେ କବୀରଙ୍କୁ ମହାପ୍ରଭୁଙ୍କ ବାର୍ତ୍ତା ଦେବାକ୍ଷଣି କବୀର ଆନନ୍ଦରେ ଶ୍ରୀକ୍ଷେତ୍ରରେ ପହଞ୍ଚିଥିଲେ ।

ରାଜାଙ୍କଠାରୁ ସମସ୍ତ ବିଷୟ ଅବଗତ ହୋଇ ମନ୍ଦିର ନିକଟସ୍ଥ ଏକ ବେଦୀରେ ଧ୍ୟାନମଗ୍ନ ହୋଇ ବସିରହିଲେ । ପର ଦିନ ସକାଳୁ ଦେଖାଗଲା ଶ୍ରୀମନ୍ଦିର ନିକଟରୁ ଅର୍ଦ୍ଧକୋଶ ପର୍ଯ୍ୟନ୍ତ ସମୁଦ୍ର ହଟିଯାଇଛି । ସନ୍ଥ କବୀର ନିଜର ପ୍ରାତଃ କର୍ମ ସାରି ସମୁଦ୍ରର ନୂତନ କୂଳ ନିକଟରେ ଏକ ଉଚ୍ଚ ସ୍ଥାନରେ ଡେରା ପକାଇ, ସେ ହାତରେ ଧରିଥିବା ଆଶାବାଡିକୁ ପୋତି ଉଚ୍ଛୃଙ୍ଖଳ ସମୁଦ୍ରକୁ ସ୍ଥିର ରହିବା ପାଇଁ ନିର୍ଦ୍ଦେଶ ଦେଲେ । ପରେ ସେହିଠାରେ ଭଜନ କୀର୍ତ୍ତନ କରି ଅବସ୍ଥାନ କଲେ । କ୍ରମଶଃ ସେ ଡେରା ପକାଇଥିବା ସ୍ଥାନରେ ମଠ ଗଢ଼ିଉଠିଲା ଏବଂ ତାହା 'କବୀରଚୌରା ମଠ' ବର୍ତ୍ତମାନ ଖ୍ୟାତ ।

● *ସୁନୀଲ କୁମାର ରଥ, ଅବସରପ୍ରାପ୍ତ ଶିକ୍ଷକ- ଉପର ନୂଆ ସାହି, ପୁରୀ*

ସାଧାରଣ ଘରଭଡ଼ା ପ୍ରତ୍ୟେକ ଯାତ୍ରୀ ପ୍ରତି ଏକ ଟଙ୍କା ଦୁଇ ଟଙ୍କା ଏବଂ ସିଂହଦ୍ୱାର ନିକଟ ଏବଂ ବଡଦାଣ୍ଡ ପକ୍କାଘର ଭଡା ତିନି, ଚାରି ଟଙ୍କା ହୋଇଥିଲା । ବଡଦାଣ୍ଡରେ ନବ ପ୍ରତିଷ୍ଠିତ ବିଶାଳ ଗୋଏନ୍କା ଧର୍ମଶାଳା ଏହି ଯାତ୍ରାରେ ଖୋଲିଥିବାରୁ, ସେଥିରେ ସହସ୍ରାଧିକ ଯାତ୍ରୀ ଆଶ୍ରୟ ଲାଭ କରିଥିଲେ ଏବଂ ପୁରୀର ଅନ୍ୟାନ୍ୟ ଧର୍ମଶାଳା ଓ ଟିଣଘର ଯାତ୍ରୀ ପୂର୍ଣ୍ଣ ହୋଇଥିଲା ।

ଯାତ୍ରୀ ଆସିବା ପୂର୍ବରୁ ସହରରେ ସାମାନ୍ୟ ଓଲାଉଠା ଆରମ୍ଭ ହୋଇଥିଲା । ଯାତ୍ରୀମାନଙ୍କ ମଧ୍ୟରେ ଏ ରୋଗର ବିଶେଷ ପ୍ରାଦୁର୍ଭାବ ନ ଥିଲା । ସୁଖର ବିଷୟ ଯେ ବର୍ତ୍ତମାନ କଲେରା ହାସ୍ପିଟାଲ ଡ଼ାକ୍ତରଙ୍କ ସୁଚିକିତ୍ସାରେ ଅଧିକାଂଶ ରୋଗୀ ଆରୋଗ୍ୟ ଲାଭ କରିଅଛନ୍ତି । ଆଜିକାଲି ସହରର ଇତସ୍ତତଃ ବିଶେଷତଃ ହରଚଣ୍ଡୀ ସାହିର କେତେକ ଜଣ ଭକ୍ତ ରୋଗରେ ମଲା ପଡ଼ିଅଛନ୍ତି । ●

# ଫଟୋରେ ସଂବାଦ...



ତା. ୨୦.୧୦.୧୯ରେ କେନ୍ଦ୍ରୀୟ ପବ୍ଲିକ୍ ଆକାଉଣ୍ଟସ୍ କମିଟି (P.A.C.) ର ମାନ୍ୟବର ସଦସ୍ୟମାନେ ଶ୍ରୀମନ୍ଦିରରୁ ଶ୍ରୀବିଗ୍ରହମାନଙ୍କ ଦର୍ଶନ ସାରି ଫେରୁଛନ୍ତି ।



ତା. ୩.୧୧.୧୯ରିଖ କେନ୍ଦ୍ର ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମନ୍ତ୍ରୀ ଡଃ. ମହେନ୍ଦ୍ରନାଥ ପାଣ୍ଡେ, ଶ୍ରୀମନ୍ଦିରର ସ୍ୱତନ୍ତ୍ର ପଦାଧିକାରୀ ଶ୍ରୀ ଶୁଭ୍ରାଂଶୁ ଶେଖର ପାଢ଼ୀଙ୍କ ଗହଣରେ ଶ୍ରୀମନ୍ଦିରରୁ ଶ୍ରୀବିଗ୍ରହମାନଙ୍କ ଦର୍ଶନ ସାରି ଫେରୁଛନ୍ତି ।



ତା. ୨୨.୧୦.୧୯ରେ ବିଶ୍ୱ ଖାଦ୍ୟ ନିରାପତ୍ତା ଯୋଜନାର ପ୍ରତିନିଧି ଏବଂ ନିର୍ଦ୍ଦେଶକ ଶ୍ରୀଯୁକ୍ତ ବିଶୋ ପାରାଜୁଲି ଶ୍ରୀମନ୍ଦିରରୁ ଶ୍ରୀଚତୁର୍ଦ୍ଧା ବିଗ୍ରହମାନଙ୍କ ଦର୍ଶନ ସାରି ଫେରୁଛନ୍ତି ।



ତା. ୭.୧୧.୧୯ରେ ଏନ୍.ସି.ସି. (N.C.C.)ର ମହାନିର୍ଦ୍ଦେଶକ ଶ୍ରୀଯୁକ୍ତ ରାଜୀବ ଚୋପ୍ରା ଶ୍ରୀମନ୍ଦିରର ସ୍ୱତନ୍ତ୍ର ପଦାଧିକାରୀ ଶ୍ରୀ ଶୁଭ୍ରାଂଶୁ ଶେଖର ପାଢ଼ୀଙ୍କ ଗହଣରେ ଶ୍ରୀବିଗ୍ରହମାନଙ୍କ ଦର୍ଶନ ସାରି ଫେରୁଛନ୍ତି ।




ତା. ୨୯.୧୦.୧୯ରେ ଉଚ୍ଚତମ ନ୍ୟାୟାଳୟର ମାନ୍ୟବର ବିଚାରପତି ଶ୍ରୀଯୁକ୍ତ ଅନିରୁଦ୍ଧ ବୋଷ ଶ୍ରୀମନ୍ଦିରରୁ ଶ୍ରୀବିଗ୍ରହମାନଙ୍କ ଦର୍ଶନ ସାରି ଫେରୁଛନ୍ତି ।



ତା. ୮.୧୧.୧୯ରେ କେନ୍ଦ୍ରୀୟ ସଫେଇ କର୍ମଚାରୀ କମିଶନ ର ଅଧ୍ୟକ୍ଷ ଶ୍ରୀଯୁକ୍ତ ମନହର୍ ବଲଜୀଭାଇ କଲା ଏବଂ ଉଚ୍ଚପଦସ୍ଥ ଅଧିକାରୀମାନେ ଶ୍ରୀମନ୍ଦିରରୁ ଶ୍ରୀବିଗ୍ରହମାନଙ୍କ ଦର୍ଶନ ସାରି ଫେରୁଛନ୍ତି ।

# ଫଟୋରେ ଅନ୍ୟାନ୍ୟ...



ତା. ୨୭.୧୦.୧୯ରେ ଦୀପାବଳୀ ଅମାବାସ୍ୟା ଅବସରରେ ଶ୍ରଦ୍ଧାଳୁ ଭକ୍ତମାନେ ସିଂହଦ୍ୱାର ସାମନାରେ ବଡ଼ ବଡ଼ିଆ ଡାକୁଛନ୍ତି ।



ଶ୍ରୀମନ୍ଦିରରେ କାର୍ତ୍ତିକ ଅମାବାସ୍ୟା ଅବସରରେ ଶ୍ରୀନାରାୟଣଙ୍କର ସାଗର ବିଜେ ନୀତି ।



କାର୍ତ୍ତିକ ଅମାବାସ୍ୟା ଅବସରରେ ଶ୍ରଦ୍ଧାଳୁ ଭକ୍ତମାନେ ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ସିଂହଦ୍ୱାର ନିକଟରେ ଶ୍ରାଦ୍ଧ ଦେଉଛନ୍ତି ।

# ଅନ୍ଧ ଦଇତାଙ୍କୁ ଦୟା କଲେ



ମହାପ୍ରଭୁ ଆଲୋକର ଉତ୍ସ । ଭକ୍ତ ଆଖିର ତାରା । ଅନ୍ଧାର ହାତ ଧରି ସେ ବାଟ କଢାଇ ନିଅନ୍ତି । ନିରାଶ ପ୍ରାଣରେ ଆଶାର ସଞ୍ଚାର କରନ୍ତି । ସେଇଥିପାଇଁ ଭକ୍ତମାନେ ତାଙ୍କ ଦର୍ଶନ ପାଇଁ ଦେଉଳକୁ ଧାଇଁ ଯାଆନ୍ତି । ସକାଳର ମଙ୍ଗଳ ଆଳତି, ସଂଧ୍ୟାର ସଂଧ୍ୟା ଆଳତି, ରାତିର ପହୁଡ ଆଳତି ଦର୍ଶନ କରି ଜୀବନକୁ ଧନ୍ୟ ମଣନ୍ତି । ଚକାନୟନଙ୍କୁ ଦିନେ ନ ଦେଖିଲେ ଭକ୍ତର ମନ ବ୍ୟାକୁଳ ହୋଇ ଉଠେ । ବର୍ଷସାରା ନାନା ଯାନିଯାତ୍ରା, ମହୋତ୍ସବ ଲାଗିରହେ । ଯାତ୍ରୀମାନଙ୍କ ଗହଳରେ ବଡଦେଉଳ ପୂରି ଉଠେ । ମାତ୍ର କ୍ଷେତ୍ରବାସୀ ଭକ୍ତଟିଏ ପ୍ରତିଦିନ ସକାଳ ସଞ୍ଜେ ମହାପ୍ରଭୁଙ୍କ ଦର୍ଶନ ନ କଲେ ଥୟ ହୋଇ ରହିପାରେ ନାହିଁ । ମହାପ୍ରଭୁଙ୍କ ଅନ୍ତରଙ୍ଗ ସେବକ ଦଇତା କୁଳରେ ତାଙ୍କର ଜନ୍ମ । ମାତ୍ର ପୂର୍ବ ଜନ୍ମର ପ୍ରାରବ୍ଧ ଯୋଗୁଁ ଜନ୍ମରୁ ଅନ୍ଧ । ସମସ୍ତେ କହନ୍ତି ଦଇତା ଅନ୍ଧ ଦାସେ । ଘର ପୁରୀର ଦଇତାପଡ଼ା ସାହି । ବଡ଼ ଦେଉଳ ଠାରୁ ପ୍ରାୟ ଦୁଇ କିଲୋମିଟର ରାସ୍ତା ହେବ । ପ୍ରତିଦିନ ସେ ଦେଉଳକୁ ଆସି ମହାପ୍ରଭୁଙ୍କୁ ଦର୍ଶନ ନ କଲେ ଅନ୍ନ ଜଳ ସ୍ପର୍ଶ କରନ୍ତି ନାହିଁ । ବିଶେଷ କରି ଅଧରାତିରେ ମହାପ୍ରଭୁ ପହୁଡ଼ କରିବା ପୂର୍ବରୁ ଯେଉଁ ପହୁଡ ଆଳତି ହୁଏ ତାହା ଦର୍ଶନ ନ କଲେ ସେ ଶୋଇପାରନ୍ତି ନାହିଁ । ଜଣେ କୌତୂହଳୀ ଦର୍ଶକ ଥରେ ପଚାରିଲେ ମହାଶୟ ! ଆପଣ ତ ଅନ୍ଧ । ମହାପ୍ରଭୁଙ୍କୁ ଦର୍ଶନ କରୁଛନ୍ତି କିପରି ? ଭକ୍ତି ତନ୍ମୟ ଚିତ୍ତରେ ଦାସେ କହିଲେ ଆପଣ ଦର୍ଶନ କରୁଛନ୍ତି ଯେପରି । ମହାପ୍ରଭୁ ମୋ ଆଖିର ପୁଅ ହୋଇ ବିରାଜମାନ କରୁଛନ୍ତି । ମୁଁ ତାଙ୍କୁ ସଂପୂର୍ଣ୍ଣ ରୂପେ ଦର୍ଶନ କରି ମୋ ଭକ୍ତିଭାବନା ଜଣାଉଛି । ସେଥିପାଇଁ ତ ଘରୁ ଏତେବାଟ ପରିଶ୍ରମ କରି ଧାଇଁ ଆସୁଛି । ଦର୍ଶନ କରି ନ ପାରିଲେ ବୃଥାଟାରେ ଆସନ୍ତି କାହିଁକି ? ଥରକର କଥା ଅମାବାସ୍ୟାର ଅନ୍ଧାର ରାତି । ଆକାଶରେ ତାରା ଜହ୍ନ କେହି ନାହାନ୍ତି । ରାସ୍ତାରେ ଆଲୁଅ ନାହିଁ । ଘରିଆଢ଼େ ବହଳ ଅନ୍ଧାର । କଳା କିଟି କିଟି ଅନ୍ଧାର ଭିତରେ ମୁହଁକୁ ମୁହଁ ଦେଖାଯାଉ ନାହିଁ । ହାତରେ ବାଡି ଖଣ୍ଡିଏ ଧରି ଦେଉଳକୁ ଚାଲିଛନ୍ତି ଅନ୍ଧ ଦାସେ । ବଡ ଦାଣ୍ଡର ରଥ ଖଳାରେ ଗଦା ହୋଇ ରହିଛି ରଥ ତିଆରି ପାଇଁ ଜଙ୍ଗଲରୁ ଆସିଥିବା ବଡ଼ ବଡ଼ କାଠ ଗଣ୍ଡି । ସେହି କାଠ ଗଣ୍ଡି ଭିତରେ ଝୁଣ୍ଟିକରି ପଡିଗଲେ ଅନ୍ଧ ଦାସେ । ମୁହଁ ହାତ ଖଣ୍ଡିଆ ଖାବରା ହୋଇଗଲା । ପାଟିରୁ ଖାଲି ବାହାରୁଥାଏ ଗୋଟିଏ କରୁଣ ଶବ୍ଦ, ହେ ମହାପ୍ରଭୁ ! ମହାପ୍ରଭୁ ତ ଅନ୍ତର୍ଯ୍ୟାମୀ । ଏକଥା ଜାଣି ପାରିଲେ । ଭକ୍ତ ପାଇଁ ଭକତ ବଂଧୁ ସବୁକିଛି କରିପାରନ୍ତି । ସେହି ଦିନ ରାତ୍ରି କାଳରେ ମହାପ୍ରଭୁ ରାଜାଙ୍କୁ ସ୍ୱପ୍ନରେ ଆଦେଶ ଦେଲେ, ଭକ୍ତ ଅନ୍ଧ ଦଇତା ପ୍ରତିଦିନ ଆମ୍ଭ ପହୁଡ ଆଳତି ଦେଖିବାକୁ ଆସେ । ତାର ଘର ଦଇତାପଡା ସାହିରେ । ଏତେ ବାଟ ଚାଲି ଚାଲି ଆସୁ ଆସୁ ଆଜି ସେ ରଥ କାଠ ଝୁଣ୍ଟିପଡି ଲହୁଲୁହାଣ ହୋଇ ଯାଇଛି । ତଞ୍ଚଳ ତାର ଚିକିତ୍ସାର ବ୍ୟବସ୍ଥା କର । ହଁ, ଦେଉଳ ସାମ୍ନା ଦୋଳମଣ୍ଡପ ସାହି ନାରାୟଣୀ ମନ୍ଦିର ପାଖରେ ତା'ପାଇଁ ଘରଟିଏ ତିଆରି କରିଦିଅ । ସେଠାରୁ ଦେଉଳକୁ ଆସିବା ପାଇଁ ତାକୁ ସହଜ ହେବ । ମହାରାଜା, ମହାପ୍ରଭୁଙ୍କ ଆଦେଶକୁ ତୁରନ୍ତ କାର୍ଯ୍ୟକାରୀ କଲେ । ମହାପ୍ରଭୁ ଯେ ଭକ୍ତର ଜୀବନ ଧନ ଏ କଥା ଚାରିଆଡେ ପ୍ରଚାରିତ ହୋଇଗଲା ।


*ଶ୍ରୀ ଶଙ୍କରର୍ଷଣ ମଙ୍ଗରାଜ*

● *(ପୂର୍ବତନ କାର୍ଯ୍ୟକର୍ତ୍ତା, ପ୍ରସାର ଭାରତୀ) ମଙ୍ଗଳାଘାଟ ରୋଡ, ପୁରୀ-୧*





**ଶ୍ରୀମନ୍ଦିର ନାଟମନ୍ଦିରରେ ସ୍ଥାପିତ 'ହୁଣ୍ଡି' ରେ ମୁକ୍ତ ହସ୍ତରେ ଦାନ କରନ୍ତୁ ।** ଶ୍ରୀମନ୍ଦିର ପ୍ରଶାସନ, ପୁରୀ

## ବିଛା( ଗର୍ଭଣା )ସଂକ୍ରାନ୍ତି ମାସର ବିଶିଷ୍ଟ ଦିବସ

| | | |
|---|---|---|
| ତା. ୧୭.୧୧.୧୯ | ରିଖ ରବିବାର | ଶ୍ରୀମନ୍ଦିରରେ ବିଛାସଂକ୍ରାନ୍ତି |
| ତା. ୨୦.୧୧.୧୯ | ରିଖ ବୁଧବାର | ଶ୍ରୀମନ୍ଦିରରେ ପ୍ରଥମାଷ୍ଟମୀ |
| ତା. ୨୩.୧୧.୧୯ | ରିଖ ଶନିବାର | ଶ୍ରୀମନ୍ଦିରରେ ଉତ୍ପନ୍ନା ଏକାଦଶୀ |
| ତା. ୨୫.୧୧.୧୯ | ରିଖ ସୋମବାର | ଶ୍ରୀମନ୍ଦିରରେ ଦେବଦୀପାବଳୀ ଆରମ୍ଭ |
| ତା. ୨୬.୧୧.୧୯ | ରିଖ ମଙ୍ଗଳବାର | ଶ୍ରୀମନ୍ଦିରରେ ମଧ୍ୟଦେବଦୀପାବଳୀ ଅମାବାସ୍ୟା |
| ତା. ୨୭.୧୧.୧୯ | ରିଖ ବୁଧବାର | ଶ୍ରୀମନ୍ଦିରରେ ଶେଷ ଦେବଦୀପାବଳୀ |
| ତା. ୦୨.୧୨.୧୯ | ରିଖ ସୋମବାର | ଶ୍ରୀମନ୍ଦିରରେ ପ୍ରାବଣ ବା ଓଢ଼ଣ ଷଷ୍ଠୀ |
| ତା. ୦୮.୧୨.୧୯ | ରିଖ ରବିବାର | ଶ୍ରୀମନ୍ଦିରରେ ଗୋମତୀ ଏକାଦଶୀ |
| ତା. ୧୧.୧୨.୧୯ | ରିଖ ବୁଧବାର | ଶ୍ରୀମନ୍ଦିରରେ ପଣ୍ଡୁ ନୃସିଂହ ବିଜେ |


**Printed & Published by Shree Jagannath Temple Administration, Puri, Ph. : 06752-222002, Fax - 252100**

**E-mail : Jagannath.or@nic.in * Web Site : www.shreejagannatha.in**

**Printed at : Rama Press, North Gate, Puri, Ph. : 222145** ମୂଲ୍ୟ : ଦୁଇଟଙ୍କା ମାତ୍ର